## ଗୁରୁ ରାଷ୍ଟ୍ର ନିର୍ମାଣ ଶୀର୍ଷକ ଆଲୋଚନାଚକ୍ର

ନୂଆପଡ଼ା ଅଫିସ: ନୂଆପଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଗୁରୁ ରାଷ୍ଟ୍ର ନିର୍ମାଣ ଶୀର୍ଷକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡିଶା ସରକାର ପ୍ରକାଶ ଯୋଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷକ ରାଷ୍ଟ୍ର ନିର୍ମାଣ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଦୂରଭାସୀ ଆଲୋଚନାଚକ୍ରରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରାପୁଟ କାନ୍ତ ଜାନୀ, ବରଗଡରୁ ସେବାଶ୍ରୀ ଭୋଇ, ବାଲେଶ୍ୱରରୁ ବିନୋଦ ବିହାରୀ ପଣ୍ଡା ପ୍ରମୁଖ ଯୋଗଦେଇ ତାଙ୍କର ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ଜଳ ଜୀବନ ମିଶନ କର୍ମଶାଳା

**ମୁରିବାହାଲ, ୬।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବିଟାବନ୍ଧ ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଜଳ ଜୀବନ ମିଶନର ଏକଦିବସୀୟ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ମଶାଳାକୁ ଜଳଜୀବନ ମିଶନ ଜିଲା ସଂଯୋଜକ ଧାନଚାନ୍ଦ ମହାମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ମଶାଳାକୁ ସରପଞ୍ଚ ଅଗସ୍ତି ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ୨୦୨୪ସୁଦ୍ଧା ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉପରେ ଆଲୋଚନା ହୋଇଥିଲା। ଅନ୍ୟତମ ଅତିଥି ଜିଲା ପ୍ରୋଜେକ୍ଟ ମ୍ୟାନେଜର ସୁଶାନ୍ତ କୁମାର ସାହ ଉପସ୍ଥିତ ରହି ଜଳ ଜୀବନ ମିଶନର ଲକ୍ଷ୍ୟ ଉପରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତରେ ଥିବା ସେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

### ଉଲ୍ଲଂଘନ ହେଉଛି କରୋନା ଗାଇଡ୍‌ଲାଇନ

**ଲାଠୋର, ୬।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ କରୋନା ଗାଇଡ୍‌ଲାଇନ ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଛି। ଲାଠୋର ଏକ ବ୍ୟବସାୟିକ ଓ ପ୍ରମୁଖ କେନ୍ଦ୍ର ହୋଇଥିବାରୁ ଦୈନନ୍ଦିନ ହଜାର ହଜାର ଲୋକଙ୍କ ସମାଗମ ଏଠାରେ ହୋଇଥାଏ। ହେଲେ ଅଧିକାଂଶ ଲୋକ ମାସ୍କ ପିନ୍ଧୁ ନାହାନ୍ତି। ଏପରିକି ସାମାଜିକ ଦୂରତ୍ୱ ଅବଲମ୍ବନ କରାଯାଉ ନ ଥିବା ପରିଲକ୍ଷିତ ହେଉଛି। ଦୋକାନ ବଜାର, ହୋଟେଲ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ଅସମ୍ଭବ ଭିଡ ଜମୁଛି। ନବାନ୍ନ ଆସୁଥିବାରୁ ଆଗକୁ ଆହୁରି ଭିଡ଼ ହେବାର ଆଶଙ୍କା କରାଯାଉଛି। କରୋନାର ଦ୍ୱିତୀୟ ଲହର ସାଂଘାତିକ ପରିସ୍ଥିତି ସୃଷ୍ଟି କରିଥିବାରୁ ଏପରି ଖମାଖିଆଲି ମନୋଭାବ ବିପଦ ସୃଷ୍ଟି କରିବାର ସମ୍ଭବାନ ରହିଛି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ରଭାବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ରକ୍ତଦାନ ଶିବିର

**ଲୋଇସିଂହା,୬।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ତଥା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ପରିସରରେ ପଞ୍ଚାୟତ ବିଜୁ ଛାତ୍ର ଜନତାଦଳ ଓ ଓଡିଶା ମୋପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକ ବିମଳ ମେହେର,ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ଅତିଥିଭାବେ ଯୋଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ ଶିବିରରେ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବଲାଙ୍ଗୀର ରକ୍ତଭଣ୍ଡାର କର୍ମଚାରୀ ଓ ସ୍ଥାନୀୟ ବିଜେଡି କର୍ମୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

**ଲୋଇସିଂହା,୬।୯(ଡି.ଏନ.ଏ):** ଆଗଲପୁର କୋସଲ ପରିବାର ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁର ମିଳିତ ଆନୁକୂଲ୍ୟରେ ରିନବଚନ, ରୋତ, ନୁନିଆଁପାଲି ପଞ୍ଚାୟତରେ ମାଗଣ ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୮ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରି ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା। ଶିବିରକୁ ନିର୍ମଳ ସାହୁ, ମଧୁସୂଦନ ପଧାନ, ଗୁଣନିଧି ଭୋଇ, ରାଜୀବ ଭୋଇ, ପ୍ରହ୍ଲାଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ୫ ମାସ ଗଲାନି ୫୦ଲକ୍ଷ ଟଙ୍କାର ରାସ୍ତା

## ଉଠିଗଲାଣି ପିଚୁ, ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ

**ବେଲପଡ଼ା, ୬।୯(ଡି.ଏନ.ଏ.)**

ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବେଲପଡ଼ା ବ୍ଲକ ଏମ୍‌ଆଇପି ରୋଡରୁ ମୁଣ୍ଡାଗାଁ ରାସ୍ତାର ମାଲିମୁଣ୍ଡା ଛକରୁ ବାଲିଖମାର ପର୍ଯ୍ୟନ୍ତ ପ୍ରାୟ ୧କିଲୋମିଟର ରାସ୍ତା କାମ ପାଇଁ ଗତ ଫେବୃୟାରୀରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ରୋଜାଲିନ ସେଠ ନାମକ ଜଣେ ଠିକାଦାର ଏହି ରାସ୍ତା କାମର ଟେଣ୍ଡର ପାଇ କାମ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ତଦାରଖ ଦାୟିତ୍ୱରେ ରହିଥିଲେ। ଗତ ପ୍ରାୟ ୧ ମାସ ତଳେ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଥିଲା। ତେବେ ଏହା ତିଆରି ହେବାର ମାତ୍ର ଗୋଟିଏ ମାସ ଭିତରେ ରାସ୍ତାର ପିଚୁ ଉଠି ଯାଇ ଖାଲଖମା ସୃଷ୍ଟି ହୋଇଥିବା ଦେଖାଯାଇଛି। ଫଳରେ ୫୦ଲକ୍ଷ ଟଙ୍କାର ରାସ୍ତା କାମ ସରିବାର ମାତ୍ର ୧ମାସ ଭିତରେ ପିଚୁ ଉଠି ଶୋଚନୀୟ ହୋଇପଡିଛି।

ଏହି ରାସ୍ତା ବାଲିଖମାର, ବେହେରାମୁଣ୍ଡା, ଗମ୍ଭାରୀ, ମାଟିଖାଇ ଗ୍ରାମପଞ୍ଚାୟତକୁ ସଂଯୋଗ କରୁଛି। ରାସ୍ତା ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭର କରୁଥିବାବେଳେ ଏପରି ଅବସ୍ଥା କାରଣରୁ ଯାତାୟାତରେ ଅସୁବିଧା ଦେଖାଦେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର କାମକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ରାସ୍ତା କାମ ସମୟରେ ଲୋକଙ୍କୁ ଅନ୍ଧାରରେ ରଖିବା ପାଇଁ କୌଣସି ନାମଫଳକ ଲଗାଯାଇ ନ ଥିବାବେଳେ ଜନସାଧାରଣ ନିର୍ମାଣକାରୀ ସଂସ୍ଥା କିଏ ଓ କେତେ ବ୍ୟୟ ଅଟକଳରେ ଏହି ରାସ୍ତା କାମ ହୋଇଛି ତାହା ଜାଣିପାରି ନ ଥିଲେ। ରାସ୍ତା କାମ ସମୟରେ ମୋରମ, ବାଲି ଆବଶ୍ୟକ ପରିମାଣରେ ପଡି ନ ଥିବାବେଳେ ପର୍ଯ୍ୟାପ୍ତ ପରିମାଣରେ ପାଣି ଓ ରୋଲିଂ ହୋଇ ନ ଥିବା ଓ ନିମ୍ନମାନର ପିଚୁ ବ୍ୟବହାର ଯୋଗୁ ରାସ୍ତା ଶୋଚନୀୟ ହୋଇପଡିଥିବା ଅଭିଯୋଗ କରିଛନ୍ତି। ଏଭଳିକି ବିଭାଗୀୟ ଅଧିକାରୀ ଠିକ୍ ଭାବେ ରାସ୍ତା କାମ ତଦାରଖ କରି ନ ଥିବା ଯୋଗୁ ଠିକାଦାର ମନମାନୀ କରିଥିବା ଅଭିଯୋଗ ହୋଇଛି। ମୁଣ୍ଡାଗାଁ, ପତ୍ରାପାଲି, ଧୁଙ୍ଗିଆମୁଣ୍ଡା, ଡୁଙ୍ଗୁରିପାଲି, ଭରୁଆମୁଣ୍ଡା, ବାଲିଖମାର ଗ୍ରାମବାସୀ ଭିଜିଲାନ୍ସ ତଦନ୍ତ କରିବା ସହ ଠିକାଦାର ପୁନଃ ଏହି ରାସ୍ତା ନିର୍ମାଣ କରିବା ପାଇଁ ଦାବି ଜଣାଇଛନ୍ତି। ଏହି ରାସ୍ତା କାମ ଉପରେ ବିଭାଗୀୟ ଏସ୍‌ଡିଓ ଇଂ.ନରେନ ରେଙ୍ଗାଙ୍କୁ ପଚାରିବାରୁ କାମରେ କୌଣସି ସାଲିସ ହୋଇନାହିଁ। କିଛି ଟେକ୍‌ନିକାଲ ଡିଫେକ୍ଟ ଯୋଗୁ ଏପରି ଅବସ୍ଥା ହୋଇଛି। ସାଇଟରେ କେନାଲ ଅଛି, ପାଣି ସିପେଜ ହୋଇ ଏପରି ହୋଇଥାଇପାରେ। କିମ୍ବା ବର୍ଷା ସମୟରେ ଭାରିଯାନ ଚଳାଚଳ ଯୋଗୁ ଏପରି ହୋଇଥାଇପାରେ ବୋଲି କହିଛନ୍ତି। ତେବେ ରାସ୍ତା ମରାମତି ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ।


ନିମ୍ନମାନର କାମ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି।

# ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା, ସ୍ୱାମୀ ଗିରଫ

**ଲୋଇସିଂହା,୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଫଟାମୁଣ୍ଡାରେ ପାରିବାରିକ କଳହରୁ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ମହିଳା ହେଲେ ସୁବର୍ଣ୍ଣା ସାହୁ(୨୮)। ପୋଲିସ ଅଭିଯୁକ୍ତ ସ୍ୱାମୀ ଗାନ୍ଧୀଲାଲ ସାହୁଙ୍କୁ ଗିରଫ କରିଛି। ମୃତାଙ୍କ ଭାଇ ସୁଶାନ୍ତ ସାହୁଙ୍କ ଏତଲାକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୨୬୭/୨୧) ରୁଜୁ ହୋଇଛି। ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଯାଇଛି।

ପୋଲିସ ସୂଚନା ମତେ, ରୋତ ନିକଟ ଫଟାମୁଣ୍ଡା ଗ୍ରାମର ସ୍ୱର୍ଗତ ଜଗନ୍ନାଥ ସାହୁଙ୍କ ଝିଅ ସୁବର୍ଣ୍ଣା ବରଗଡ଼ ଜିଲା ଗାଇସିଲାଟ ଥାନା ବଡ଼ଡୁଙ୍ଗରୀପାଲି ଗ୍ରାମର ଗାନ୍ଧୀଲାଲଙ୍କୁ ୮ ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କର ପୁଅ ପପୁନ ଓ ଝିଅ ପପିନା ଅଛନ୍ତି। ବଡଡୁଙ୍ଗରୀପାଲିରେ ସବୁବେଳେ କଳିକଜିଆ ହେବାରୁ ୪ ମାସ ତଳେ ଶ୍ୱଶୁରଘର ଗାଁ ଫଟାମୁଣ୍ଡାକୁ ସପରିବାର ଆସି ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ ଗାନ୍ଧୀଲାଲ। ଏଠାକୁ ଆସିଲା ପରେ ମଧ୍ୟ କଳହ ଲାଗି ରହିଥିଲା। ରବିବାର କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ରାତିରେ ସୁବର୍ଣ୍ଣାଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ସେ ପିନ୍ଧିଥିବା ସୁନା ଅଳଙ୍କାରକୁ ନେଇ ଗାନ୍ଧୀଲାଲ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୋମବାର ସକାଳେ ସୁବର୍ଣ୍ଣାଙ୍କ ପୁଅଝିଅ ମା'ଙ୍କୁ ମରି ପଡ଼ିଥିବା ଦେଖି ମାମୁଘର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଆଇଆଇସି ଜେନା ଓ ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ। ପୋଲିସର ପ୍ରାଥମିକ ତଦନ୍ତରୁ ପାରିବାରିକ କଳହରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ପରେ ଫେରାର ଥିବା ସ୍ୱାମୀକୁ ପୋଲିସ ଭରସୁଜାରୁ ଗିରଫ କରିଛି।

# ଗୋଚାଷୀ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀମାନେ।

**ଲୋଇସିଂହା, ୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଏଲ୍‌ଆଇ କେନ୍ଦ୍ରଠାରେ ବ୍ରୁସେଲୋସିସ ରୋଗର ନିୟନ୍ତ୍ରଣ ଉପରେ ଗୋଚାଷୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଲ୍‌ଆଇ ସାଗରିକା ନାଗଙ୍କ ସଭାରେ ଅଧ୍ୟକ୍ଷତା କରିଥିଲେ। ସିଡିଭିଓ ଦିଗାମ୍ବର ନାୟକ ମୁଖ୍ୟ ଅତିଥି,ଏଡିଭିଓ ଜନ୍ମଜନ ପଟ୍ଟନାୟକ, ଡିଡିଏଲ ଦେବସ୍ମିତା ଦେବତା, ଲୋଇସିଂହା ଏଭିଏଏସ୍ ସଂଗ୍ରାମ ସିଂ ନାଏକ, ଏଭିଏଏସ୍ ଅର୍ପିତା ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସିଡିଭିଓ ନାୟକ ଗୋରୁଙ୍କଠାରେ ଦେଖାଦେଉଥିବା ଏହି ରୋଗର ଭୟାବହତା ସମ୍ପର୍କରେ କହିଥିଲେ। ଉକ୍ତ ରୋଗର ପ୍ରଭାବରେ ୭ ରୁ ୮ ମାସର ଗର୍ଭିଣୀ ଗାଈର ଭ୍ରୂଣ ନଷ୍ଟ ହେବା ସମ୍ଭାବନା ଅଧିକ ରହିଥାଏ। ଯଦି କେଉଁ ଗ୍ରାମରେ ଏହା ଘଟିଲା, ପରେ ଗ୍ରାମର ସମସ୍ତ ଗାଈଙ୍କଠାରେ ଏହି ଲକ୍ଷଣ ଦେଖା ଦେଇଥାଏ। ଏହି ରୋଗ ନିୟନ୍ତ୍ରଣ ପାଇଁ ଜାତୀୟ ସ୍ତରରେ ବ୍ରୁସେଲା ଟିକାକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉକ୍ତ କେନ୍ଦ୍ର ଅଧୀନ ୩୦ ଗୋଚାଷୀଙ୍କ ୪ ରୁ ୮ ମାସର ବାଛୁରୀଙ୍କୁ ଉକ୍ତ ଟିକାକରଣ କରାଯାଇଥିଲା। ଟିକାକରଣ ବାଛୁରୀ ମଧ୍ୟରୁ ୧୩ ବାଛୁରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏହି ଟିକାକରଣର ପ୍ରଭାବରେ ବାଛୁରୀଙ୍କ ଶରୀରରେ କେତେ ଆଣ୍ଟିବଡି ସୃଷ୍ଟି ହୋଇପାରିଛି ତାହା ପରୀକ୍ଷଣ ପାଇଁ ଭୁବନେଶ୍ୱର ଲାବରେଟୋରିକୁ ପଠାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ରୋଗ ପ୍ରତି ଗୋଚାଷୀ ଯତ୍ନବାନ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଗୋଚାଷୀଙ୍କ ସହଯୋଗରେ ରାଜ୍ୟରେ ବଲାଙ୍ଗୀର ଦୁଗ୍ଧ ଉତ୍ପାଦନରେ ତୃତୀୟ ସ୍ଥାନ ଅଧିକାର କରିଥିବା କୁହାଯାଇଥିଲା। ଜିଲାରୁ ଦୈନିକ ୫୫ ହଜାର ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବା ସିଡିଭିଓ ନାୟକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଚାଷୀଙ୍କ ସହ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ପଧାନ, ଦିଲୀପ ବେହେରା, ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ଦାବିପତ୍ର


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖପ୍ରାଖୋଲ, ୬।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ କୃଷକ ସଂଘ ତରଫରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାରିଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଖପ୍ରାଖୋଲ ବ୍ଲକରେ ଆବଶ୍ୟକତାଠାରୁ କମ୍ ବର୍ଷା ହୋଇଥିବାରୁ ଫସଲ ନଷ୍ଟ ହୋଇଛି। ଅନେକ ଜମିରେ ରୁଆ, ବେଉଷଣ କାର୍ଯ୍ୟ ହୋଇପାରିନାହିଁ। ଉଠାଜଳସେଚନ ପ୍ରକଳ୍ପଗୁଡ଼ିକ ଅଚଳ ହୋଇପଡିଛି। ଏଣୁ ଚାଷର କ୍ଷୟକ୍ଷତି ଅନୁଧ୍ୟାନକରି ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା, ଫସଲ ବୀମା ପ୍ରଦାନ ସହ କୃଷିଋଣ ଛାଡ଼, ରବିଋତୁରେ ଚାଷୀଙ୍କୁ କମ୍ ଅବଧି ପ୍ରୋତ୍ସାହନ, ନୂତନ ଉଠା ଜଳସେଚନ, ଗଭୀର ନଳକୂପ ପ୍ରକଳ୍ପ କରାଇବାକୁ ଚାଷୀମାନେ ଦାବି କରିଥିଲେ। ବଳଦେବ ଶଗର, ପିତ୍ର ପଟେଲ, ବିଧାୟକ ପ୍ରତିନିଧି ପଞ୍ଚୁଦେବ ସାହୁ, ରମେଶ ପଧାନ, ଦିବାକର ଭୋଇ, ଟୁଲୁ ପ୍ରଧାନ, ଇନ୍ଦ୍ରମଣି ସାହୁ, ଯୁଗେଶର ପୁଟା ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ପୂଜନ କାର୍ଯ୍ୟକ୍ରମ

**ଲୋଇସିଂହା,୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନଠାରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବିଭୂତିଭୂଷଣ ସାହାଣୀ, ପର୍ଶୁରାମ ସାହୁ, ପୁରୁଷୋତ୍ତମ ସ୍ୱାଇଁ, ଦିଗାମ୍ବର ନାଏକ ମଞ୍ଚାସୀନ ହୋଇଥିଲେ। ପ୍ରହ୍ଲାଦ କର୍ମୀ, କୁଞ୍ଜବିହାରୀ ସାହୁ, ବୁଦ୍ଧଦେବ ସାହୁଙ୍କ ସହ ନିର୍ବାଚନ ମଣ୍ଡଳୀରୁ ୫୦ଜଣ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷକତା ଜୀବନର ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଭାଲିଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଚମରା ଚୌହାନ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ଉର୍କୁଲୀ ଧରୁଆ, ବୀରବଳ ଧରୁଆ, ସରୋଜ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ରାଜକିଶୋର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋଇସିଂହା ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଷ୍ଟେଶନ ରାସ୍ତା ଶୋଚନୀୟ

**ପଲମ, ୬।୯(ଡି.ଏନ.ଏ.)**



କଳାହାଣ୍ଡି ଜିଲା ନର୍ଲା ରୋଡ ରେଲୱେ ଷ୍ଟେଶନ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଆଜକୁ ପ୍ରାୟ ୩୫ ବର୍ଷ ହେଲା ରାସ୍ତା ନିର୍ମାଣ ହୋଇ ପାରି ନ ଥିବାରୁ ରାସ୍ତାରେ ପାଣି ଜମି ରହୁଛି। ଫଳରେ ଯାତାୟାତରେ ବାଧା ଉପୁଜୁଛି। ନର୍ଲା ରୋଡ ଷ୍ଟେଶନକୁ ଜିଲାର ପ୍ରାୟ ୨୫/୩୦ଖଣ୍ଡ ଗ୍ରାମର ଲୋକେ ଯିବାଆସିବା ପାଇଁ ନିର୍ଭର କରିଥାନ୍ତି। ଷ୍ଟେଶନ ସମ୍ମୁଖ ୩୦ରୁ ୩୫ ମିଟର ରାସ୍ତା ରେଳ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଇଥିବା ଯୋଗୁ ଠିକ ରହିଛି। ହେଲେ ନର୍ଲା, ସିକେରକୁପା ମୁଖ୍ୟ ରାସ୍ତାଠାରୁ ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ୭୦ ମିଟର ରାସ୍ତା ଖାଲଢିପ ହୋଇଥିବାରୁ ପାଣି ଜମି ରହୁଛି। ଅନ୍ୟପକ୍ଷରେ ନର୍ଲାରୋଡ ଷ୍ଟେଶନକୁ ଅଧିକମାତ୍ରାରେ ଯାନବାହନ ତଥା ଯାତ୍ରୀଙ୍କ ଗମନାଗମନରେ ଦୁର୍ଘଟଣାଗ୍ରସ୍ତ ହେଉଛି। ବିଭାଗୀୟ କର୍ମଚାରୀମାନେ ଏହାର ତୁରନ୍ତ ଦୃଷ୍ଟିଦେଇ ନର୍ଲା ରୋଡ ଷ୍ଟେଶନର ରସ୍ତା ଉନ୍ନତିକରଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ନାବାଳିକା ଅପହରଣ, ବଳାତ୍କାର ମାମଲା: ଅଭିଯୁକ୍ତ ଗିରଫ

**ଲୋଇସିଂହା, ୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଅଗଷ୍ଟ ୩୧ ରେ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାର ପାଞ୍ଚଦିନ ପରେ ପୋଲିସ ଅଭିଯୁକ୍ତଙ୍କୁ ବଲାଙ୍ଗୀର ରେଳଷ୍ଟେଶନରୁ ଗିରଫ କରିଥିଲା। ଅପହରଣରେ ବ୍ୟବହୃତ ଗାଡ଼ି(ଓଡି-୧୯-୫୨୬୯)କୁ ପୋଲିସ ଜବତ କରିଛି। ଅଭିଯୁକ୍ତ ହେଲେ ଖଲିଆପାଲିର ଅମିତ କହ୍ନେର(୨୮)। ସୋମବାର ଲୋଇସିଂହା ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ୩୬୩, ୩୭୬(୨) (ଏନ), ୩୭୬(୩)ଆଇପିସି, ୪ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ ୨୫୯/୨୧)ରୁଜୁ ହୋଇଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି। ପୋଲିସ ସୂଚନାମତେ, ନାବାଳିକା ଘରେ ଏକୁଟିଆ ଥିବା ବେଳେ ଅମିତ ଏକ ବାଇକରେ ତାଙ୍କୁ ଅପହରଣ କରିନେଇଥିଲେ। ପରେ ବିଭିନ୍ନ ଅଞ୍ଚଳକୁ ନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ଲଛିପୁରରୁ ନାବାଳିକାଙ୍କୁ ଲୋଇସିଂହା ପୋଲିସ ଉଦ୍ଧାର କରିଥିଲା। ସେତେବେଳେ ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଇ ଖସିଯାଇଥିଲେ।


ଅଭିଯୁକ୍ତ ଅମିତ କହ୍ନେର।

# ବଜ୍ରପାତରେ ଯୁବକ ମୃତ

**ଗୋଲାମୁଣ୍ଡା, ୬।୯ (ଡି.ଏନ.ଏ)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଚିଚିଆ ଗ୍ରାମରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଜବନ ଭାଟି (୩୩)। ଗଜବନ ନିଜର ଗାଈ ଚରାଇବାକୁ ଚାଷ ଜମି ନିକଟକୁ ନେଇଥିଲେ। ସନ୍ଧ୍ୟାରେ ସେ ଘରକୁ ଫେରୁଥିବା ବେଳେ ରାସ୍ତାରେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଲାମୁଣ୍ଡା ଥାନା ଓ ଦଶପୁର ଫାଣ୍ଡି ପୋଲିସ ଉପସ୍ଥିତରେ ଧର୍ମଗଡ ଡାକ୍ତରଖାନାରେ ଶବ ପଞ୍ଚନାମା ପାଇଁ ନିଆଯାଇଥିବା ଜଣାପଡିଛି। ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପରିବାର ପକ୍ଷରୁ ଦାବି କରାଯାଇଛି।

# ନୂଆଁଖାଇ ପର୍ଯ୍ୟନ୍ତ ପାୱାର କଟ୍ ନ କରିବା ପାଇଁ ଦାବିପତ୍ର

**ଜୁନାଗଡ,୬।୯(ଡି.ଏନ.ଏ.)**

ଆସନ୍ତା ୧୧ ତାରିଖ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ବର୍ଷକର ଏହି ସମୟରେ ବେପାର, ବଣିଜ ବେଶ୍ ଜମି ଥାଏ। କିନ୍ତୁ ପାୱାର କଟ୍ ଯୋଗୁ ବ୍ୟବସାୟିକ କାରବାର ଉପରେ ପ୍ରଭାବ ପକାଇବା ଆଶଙ୍କା ରହିଛି। ଯାହାକୁ ନେଇ ସୋମବାର କଳାହାଣ୍ଡି ଜିଲା ଜୁନାଗଡ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଆସନ୍ତା ନୂଆଁଖାଇ ପର୍ଯ୍ୟନ୍ତ ପାୱାର କଟ୍ ନ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଜୁନାଗଡ ବଣିକ ସଂଘ ସଭାପତି ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ପ୍ରଭାତ ଦାଶ, ରୁପେଶ ସାହୁ, ମାନସ ଭାର, ପୂର୍ଣ୍ଣଚନ୍ଦ୍ର ନାହାକ, ରାକେଶ ବେମାଲ ପ୍ରମୁଖ ଉପସ୍ଥିତ ଥିଲେ।


ବଣିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# କଣ୍ଟାବାଞ୍ଜି ଏନ୍‌ଏସିରେ ଜବରଦଖଲ ଉଚ୍ଛେଦ

**କଣ୍ଟାବାଞ୍ଜି, ୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରାଞ୍ଚଳରେ ଏନ୍‌ଏସି ପକ୍ଷରୁ ସୋମବାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜବରଦଖଲରେ ଥିବା କୋଦୋପଡ଼ା ହିନ୍ଦୀ ସ୍କୁଲ ପଛପଟ ସରକାରୀ ଜମି, ଗୁଡିଘାଟ ପିଡବ୍ଲ୍ୟୁଡ ରାସ୍ତାର ସଞ୍ଜୟ ଗୁଡାଖୁ ଫ୍ୟାକ୍ଟ୍ରି ନିକଟରେ ନିର୍ମାଣ ହୋଇଥିବା ପାଚେରି ଓ ରୋଡ ନଂ. ୨ରେ ଥିବା ବିଡିସିସି ବ୍ୟାଙ୍କ ଜୈନ ଭବନ ନିକଟରୁ ଉଚ୍ଛେଦ କରାଯାଇଛି। ସହରରୁ ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଗତ ୪ ତାରିଖ ଜିଲାପାଳ ଚଞ୍ଚଲ ରାଣା କଣ୍ଟାବାଞ୍ଜି ଗସ୍ତରେ ଆସିଥିବା ବେଳେ ବହୁ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଥିବା ଜାଣିବାକୁ ପାଇ ଉଚ୍ଛେଦ ପାଇଁ ଏନ୍‌ଏସି ପ୍ରଶାସନ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଛେଦ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଶୋକ କୁମାର ମାଝି, ଏନ୍‌ଏସି ନିର୍ବାହୀ ଅଧିକାରୀ ସାମ୍ପି ରେଡ୍ଡି ଜୟଶ୍ରୀ ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ।



ଜବରଦଖଲ ଉଚ୍ଛେଦ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୭ ସେପ୍ଟେମ୍ବର, ୨୦୨୧



## ମାରଣାସ୍ତ୍ର ଦେଖାଇ ଲୁଟ୍, ୨ ଗିରଫ

**ବରପାଲି (ଡି.ଏନ.ଏ):** ବରପାଲି ଥାନା ତିନକାନି ଛକରେ ରବିବାର ସନ୍ଧ୍ୟାରେ ତିଲେଇମାଲ ଗ୍ରାମର କୈଳାଶ ମିଶ୍ରଙ୍କଠାରୁ ଲୁଟ୍ ହୋଇଥିଲା । ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭେଡ଼େନର ମହମ୍ମଦ ସଫିକ୍(୩୦) ଓ ଯୁବରାଜ ପଟେଲ(୪୫) । ସେମାନଙ୍କ ପାଖରୁ ଏକ ବାଇକ୍ (ନଂ.ଓଡ଼ି୧୭ଏସ୍/୧୪୨୯) ଜବତ ହୋଇଛି । ଏ ନେଇ ବରପାଲି ଥାନା ପୋଲିସ ଏକ ମାମଲା (ନଂ.୨୭୦/୨୧) ରୁଜୁ କରିଛି । ପ୍ରକାଶ ଯେ, ଅଭିଯୁକ୍ତ ମାନେ କୈଳାସଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍‌ପାଟ୍ କରୁଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଧରି ପୋଲିସ ଜିମା ଦେଇଥିଲେ ।

## ସଂକ୍ଷେପରେ

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଡୁଙ୍ଗୁରିପାଲି, ୬।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ରାମପୁର ଥାନା ରାମପୁର କେନାଲ ହରିଜନ ପଡ଼ାର ଜଣେ ଯୁବକ ତାଙ୍କ ଘରେ ବେକରେ ରଶିଦେଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ସୁକାନ୍ତ ନାଗ (୨୦) । ପରିବାର ଲୋକଙ୍କଠାରୁ ଖବର ପାଇ ରାମପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ । ସୋମବାର ବିନିକା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସବ ଇନ୍ସପେକ୍ଟର ପ୍ରଦୀପ କୁମାର ପ୍ରଧାନ କହିଛନ୍ତି ।

### ଗଛରେ ପିଟିହେଲା ବାଇକ୍, ଚାଳକ ମୃତ

**ଅମରପାଲି, ୬।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ସମ୍ମୁଖରେ ଥିବା ତାଳଗଛରେ ପିଟିହୋଇ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଖେତିପାଲି ଗ୍ରାମର ଜଗଦୀଶ ଗାଇଗରିଆ (୩୦) । ମୃତକଙ୍କର ଦୁଇମାସର ଏକ ଶିଶୁକନ୍ୟା ଅଛନ୍ତି । ମିଳିଥିବା ସୂଚନା ମତେ ଯୁବକ ଜଣକ ବୀରମହାରାଜପୁର ପଟରୁ ତାଙ୍କ ବାଇକ(ଓଡି ୩୧ ଜି ୮୦୧୨)ରେ ଘରକୁ ଫେରୁଥିବା ବେଳେ ମହାନଦୀ ନେତ୍ର ଚିକିତ୍ସାଳୟ ସମ୍ମୁଖରେ ରାସ୍ତାକୁ ଲାଗିକରି ଥିବା ତାଳଗଛରେ ପିଟି ହୋଇଯାଇଥିଲେ । ଖବର ପାଇ ବୀରମହାରାଜପୁର ପୋଲିସ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ ୧୮୯/୨୧) ରୁଜୁ ହୋଇଥିବା ଥାନା ଅଧିକାରୀ ଅଞ୍ଜଳୀ କୁମ୍ଭାର କହିଛନ୍ତି ।

### ମହିଳା ବିଜେଡିର ନୂତନ ସଭାନେତ୍ରୀ

**ସୋନପୁର,୬।୯(ନି.ପ୍ର.):** ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସୁବର୍ଣ୍ଣପୁର ଜିଲା ମହିଳା ବିଜୁ ଜନତା ଦଳର ବ୍ଲକ, ମ୍ୟୁନିସିପାଲିଟି ଓ ଏନ୍‌ଏସି ସ୍ତରରେ ନୂତନ ସଭାନେତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି । ଜିଲା ମହିଳା ବିଜେଡି ସଭାନେତ୍ରୀ ପଦ୍ମିନୀ ବଘାର ଓ ଜିଲା ବିଜେଡି ସଭାପତି ସରୋଜ କର୍ମୀଙ୍କ ଅନୁମୋଦନକ୍ରମେ ସୋନପୁର ବ୍ଲକ ସଭାନେତ୍ରୀ ଭାବେ ଅନୀତା ମେହେର, ତରଭା ବ୍ଲକ ସଭାନେତ୍ରୀ ପ୍ରଭାସିନୀ ମିଶ୍ର, ଡୁଙ୍ଗୁରିପାଲି ସଭାନେତ୍ରୀ ପୁଷ୍ପାଞ୍ଜଳୀ ବାଘ, ବିନିକା ବ୍ଲକ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ, ଉଲୁଣ୍ଡା ସଭାନେତ୍ରୀ ସଙ୍ଗୀତା ରାଣୀ ଭୁକ୍ତା, ବୀରମହାରାଜପୁର ସଭାନେତ୍ରୀ ସୁପ୍ରଭା ଖେତୀ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ସଭାନେତ୍ରୀ ରୀତାଞ୍ଜଳି ପାତ୍ର, ତରଭା ଏନ୍‌ଏସି ସଭାନେତ୍ରୀ ସୁମିତ୍ରା ଦଳବେହେରା, ବିନିକା ଏନ୍‌ଏସି ସଭାନେତ୍ରୀ ଲକ୍ଷ୍ମୀ ମେହେର, ସୋନପୁର ନିର୍ବାଚନମଣ୍ଡଳୀ ସୋସିଆଲ ମିଡିଆ ମୁଖ୍ୟ ମମତା ମଟାରୀ ଓ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ସୋସିଆଲ ମିଡିଆ ମୁଖ୍ୟ ଭାବେ ରଞ୍ଜିତା ଭୋଇଙ୍କୁ ମନୋନୀତ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି ।

### ଛାତ୍ରୀଛାତ୍ରଙ୍କ ପ୍ରତିଭା ଚିହ୍ନିବା ଗୁରୁଙ୍କ କର୍ତ୍ତବ୍ୟ

**ସୋନପୁର,୬।୯(ନି.ପ୍ର.):** ଛାତ୍ର ଜୀବନରେ ଗୁରୁଙ୍କ ଅବଦାନ ମହତ୍ତ୍ୱପୂର୍ଣ୍ଣ । ବର୍ତ୍ତମାନର ସୂଚନା ଓ ପ୍ରଯୁକ୍ତି ଯୁଗରେ ମଧ୍ୟ ଗୁରୁଙ୍କ ବିନା ପୂର୍ଣ୍ଣାଙ୍ଗ ଶିକ୍ଷା ଗ୍ରହଣ ସମ୍ଭବ ନୁହେଁ । ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାଙ୍କୁ ଚିହ୍ନିବା ଗୁରୁଙ୍କ ପରମ କର୍ତ୍ତବ୍ୟ ହେବା ଉଚିତ ବୋଲି ସୋନପୁର କଲେଜ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ଗୁରୁଦିବସ ଉତ୍ସବରେ ମତପ୍ରକାଶ ପାଇଛି । ସମାରୋହରେ ବିଭାଗ ମୁଖ୍ୟ ଡ. ହିମାଂଶୁ ଶେଖର ପାଢ଼ୀ ଅଧକ୍ଷତା କରିଥିବା ବେଳେ ଅଧାପକ କୃଷ୍ଣଚନ୍ଦ୍ର ଭୋଇ ଓ ଡକ୍ଟର ସୁଦାମ ଦୀପ ମଞ୍ଚାସୀନ ଥିଲେ । ଏହି ଅବସରରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଥିବା ପବିତ୍ର ସମ୍ପର୍କ ଉପରେ ଆଲୋଚନା ହୋଇଥିଲା । ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୁରେଶ ମେହେର, ରୁଦ୍ର ନାରାୟଣ ପଧାନ, ମନିଷ ମହାକୁର, ରୋହିତ ଭୋଇନା, ରାହାଶ ଭୋଇନା, ଦେବରାଜ ବସ୍ତିଆ, ପ୍ରତିଭା ଭୋଇ, ରିତିସ୍ମିତା ବାରିକ, ଅବନ୍ତୀ ନାଏକ, ଦମୟନ୍ତୀ ମେହେର ଓ ଲିପ୍‌ସା ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶୁଭେନ୍ଦୁ ମେହେର ଏହି କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।

## ୧୧ଦଫା ଦାବି

# ୧୬୦ କିମି ସାଇକେଲ ଯାତ୍ରା

- ମରୁଡ଼ି ମୁକାବିଲା ପାଇଁ ସ୍ମାରକପତ୍ର ପ୍ରଦାନ
- ବରଗଡ଼-ନୂଆପଡ଼ା ରେଳପଥ ନିର୍ମାଣ ଦାବି
- ଅଙ୍ଗ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଦାବି କଲେ

ବରଗଡ଼ ଅଫିସ୍,୬।୯



ବୀର ସୁରେନ୍ଦ୍ର ସାଏ ଆଞ୍ଚଳିକ ସ୍ମୃତି କମିଟିର ପ୍ରତିନିଧି ଦଳ ବରଗଡ଼ ଜିଲାପାଳଙ୍କ ଅଫିସରେ ପହଞ୍ଚିଛନ୍ତି ।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସମାରପାଲି ବୀର ସୁରେନ୍ଦ୍ର ସାଏ ଆଞ୍ଚଳିକ ସ୍ମୃତି କମିଟିର ଏକ ପ୍ରତିନିଧି ଦଳ ରବିବାର ସାଇକେଲ ଯାତ୍ରାରେ ବାହାରି ପ୍ରାୟ ୮୦ କି.ମି ଦୂର ବରଗଡ଼ରେ ସୋମବାର ପହଞ୍ଚିଥିଲେ । ସେଠାରେ ୧୧ଦଫା ଦାବିରେ ସେମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ବିଚାରପତି, ଜଳସମ୍ପଦ ବିଭାଗ ମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ପରେ ପୁଣି ସାଇକେଲରେ ଗ୍ରାମକୁ ଫେରିଥିଲେ ।

ଚଳିତବର୍ଷ ପଦ୍ମପୁର ଉପଖଣ୍ଡରେ ମରୁଡ଼ି ପରିସ୍ଥିତି ଉପୁଜିଛି । ଗତ ୧୯୭୯ ଏବଂ ୨୦୧୭ ମସିହାର ମରୁଡ଼ିଠାରୁ ଏଥର ସ୍ଥିତି ଆହୁରି ସାଂଘାତିକ ହୋଇଛି । ଅଙ୍ଗନଦୀ ଜଳସେଚନ ଯୋଜନା, ପୂଖାରୀପାଲିରେ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ଏହି ପ୍ରତିନିଧି ଦଳ ଅନୁରୋଧ କରିଛନ୍ତି । ସେହିପରି ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ନିୟମିତ ଭତ୍ତା ପ୍ରଦାନ, ମରୁଡ଼ିଗ୍ରସ୍ତ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ଦୁବୁଲାବାହାଲରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ, ପଦ୍ମପୁର ଉପଖଣ୍ଡକୁ ଜିଲା ଘୋଷଣା କରିବାକୁ ଦାବି ହୋଇଛି । ଏହାସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପଶ୍ଚିମଓଡ଼ିଶାରେ କରାଯିବା, ବରଗଡ଼-ନୂଆପଡ଼ା ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଆରମ୍ଭ, ପଞ୍ଚଭାୟା ସୀମା ବାଘପତରାଠାରେ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିପୀଠ ନିର୍ମାଣ ଆଦି ପାଇଁ ନିବେଦନ କରାଯାଇଛି । ସ୍ମୃତି କମିଟିର ଆବାହକ ରାହାସ ବିହାରୀ ସାହୁଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।

## ସେବା ସମବାୟ ସମିତି ଅଫିସ୍ ଘେରାଉ

ପାଇକମାଳ,୬।୯(ଡି ଏ ନ ଏ)

ପାଇକମାଳ ଅଞ୍ଚଳରେ ଚାଷୀଙ୍କୁ ସାର ଯୋଗାଣରେ ଅବ୍ୟବସ୍ଥା ସମେତ ୫ଦଫା ଦାବି ନେଇ ଭାଜପା କୃଷକ ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇଛି । ଏହି କ୍ରମରେ ସୋମବାର ବରଗଡ଼ ଜିଲା ସଂଯୋଜକ ଯୋଗେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଶତାଧିକ ଚାଷୀ ପାଇକମାଳ ସେବା ସମବାୟ ସମିତି ଅଫିସ୍‌କୁ ଘେରାଉ କରିବା ସହ ସମ୍ପାଦକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭାଜପା ବରଗଡ ଜିଲା ଉପସଭାପତି ସରୋଜ ସାମଲ, ପାଇକମାଳ ମଣ୍ଡଳ ସଭାପତି କୈଳାସ ଦିଶ୍ରୀ, ମାଣ୍ଡୋସିଲ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ପାଇକମାଳ ବ୍ଲକ ଏମ୍‌ପି ପ୍ରତିନିଧି ବଳରାମ ସାହୁ, ଶୁଶାନ୍ତ ନାଗ, ମାଧବ ପାଣିଗ୍ରାହୀ, ପୁରନ୍ଦର ସାହୁଙ୍କ ସମେତ ୭ଟି ପଞ୍ଚାୟତର ଚାଷୀମାନେ ଅଂଶଗ୍ରହଣ କରିଥିଲେ । ପାଇକମାଳ ସେବା ସମବାୟ ସମିତି ସମ୍ପାଦକ ରମେଶ ସାହୁ ଆନ୍ଦୋଳନସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ଦାବିଗୁଡ଼ିକର ତୁରନ୍ତ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ ।


ଚାଷୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସୁବର୍ଣ୍ଣପୁରର ୧୫ ଖେଳାଳି


ଚୟନ ହୋଇଥିବା କ୍ରୀଡ଼ାବିତଙ୍କ ସହ ଜିଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ।

ସୋନପୁର,୬।୯(ନି.ପ୍ର.)

ଭୁବନେଶ୍ୱରରେ ୭ ତାରିଖ ମଙ୍ଗଳବାର ୬୮ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ସୁବର୍ଣ୍ଣପୁର ଜିଲାରୁ ୧୫ ଜଣ ମହିଳା ଓ ପୁରୁଷ କ୍ରୀଡ଼ାବିତ୍‌ଙ୍କୁ ଚୟନ କରାଯାଇଛି । ରାମେଶ୍ୱର ଷ୍ଟାଡିୟମଠାରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ କୁମାର ପଣ୍ଡା ଓ ଜିଲା କ୍ରୀଡ଼ା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆଙ୍କ ଉପସ୍ଥିତିରେ ସୁବର୍ଣ୍ଣପୁର ଜିଲାର ଖେଳାଳିମାନଙ୍କୁ ନେଇ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତା ପାଇଁ ୬ ମହିଳା ଓ ୯ ପୁରୁଷ କ୍ରୀଡ଼ାବିତ୍‌ଙ୍କ ସହ ପ୍ରତିନିଧି ଦଳର ପରିଚାଳକଭାବେ ଫୁଟ୍‌ବଲ ସମ୍ପାଦକ ରାଜୀବ କୁମାର ସାହୁ ଓ କୋଚ୍ ଭାବରେ କଲିମ ମହମ୍ମଦଙ୍କୁ ଯିବା ପାଇଁ ଅନୁମତି ମିଳିଛି । ଏଥିପାଇଁ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ଚୟନ ହୋଇଥିବା କ୍ରୀଡ଼ାବିତ୍ ଓ ଜିଲା କ୍ରୀଡା ସଂଘର ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ସଂଘ ସମ୍ପାଦକ ପୀୟୂଷ କୁମାର ପଣ୍ଡା, ଉପସଭାପତି ଚିତ୍ତରଞ୍ଜନ ତରାସିଆ, କାର୍ଯ୍ୟକାରୀ ସଦସ୍ୟ ପୁରୁଷୋତ୍ତମ ପାଣିଗ୍ରାହୀ, ଦିଲୀପ ଗୁରୁ, ଗୌରିଶ୍ୟାମ ପଣ୍ଡା, ବିଦ୍ୟାଧର ମିଶ୍ର, ଜୟନାରାୟଣ ମେଣ୍ଡୁଲି, ରାଜୀବ କୁମାର ସାହୁ, ସୁବାସ ବିଶ୍ୱାଳ, ବିକାଶ ପଣ୍ଡା, ହୃଷୀକେଶ ପଣ୍ଡା, ଚନ୍ଦ୍ରଶେଖର ଦଳେଇ ଓ ପୁରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ ପାଇଁ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ ।

## ବକେୟା ପ୍ରାପ୍ୟ ଦାବିକଲେ ହିତାଧିକାରୀ

ବରଗଡ଼ ଅଫିସ୍,୬।୯

ବରଗଡ଼ ଜିଲା ବିଜେପୁର ବ୍ଲକ ଅଧୀନ କୁରକୁଟା ଗ୍ରାମରେ ସରକାରଙ୍କ ଗୃହ ନିର୍ମାଣ ଯୋଜନାର ଅନେକ ହିତାଧିକାରୀ ଘର ନିର୍ମାଣ ବାବଦକୁ ସେମାନଙ୍କ ବକେୟା ପ୍ରାପ୍ୟ ପାଇ ପାରିନାହାନ୍ତି । ଏଭଳି ଅଭିଯୋଗ ନେଇ ସୋମବାର ହିତାଧିକାରୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ବକେୟା ପ୍ରାପ୍ୟ ଯୋଗାଇ ଦେବାକୁ ନିବେଦନ କରିଥିଲେ । ଗତ ୨୦୧୯, ୨୦୨୦ ଓ ୨୦୨୧ରେ ଗ୍ରାମର ଅନେକ ହିତାଧିକାରୀ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ପାଇଥିଲେ । ସେମାନେ ଘର ନିର୍ମାଣ କରି କରିସାରିଛନ୍ତି । ମାତ୍ର ଏ ବାବଦକୁ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରୁ ମିଳୁଥିବା ପ୍ରାପ୍ୟ ଏପର୍ଯ୍ୟନ୍ତ ସେମାନଙ୍କୁ ପ୍ରଦାନ କରାଯାଇ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବିଜୟ ନନ୍ଦ, ରତ୍ନାକର ମହାନନ୍ଦ, ଅଶୋକ ମହାନନ୍ଦ, ଅଶ୍ୱିନୀ ରଣା, ଲବ ରଣା ପ୍ରମୁଖ ସେମାନେ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି ।


ବକେୟା ପ୍ରାପ୍ୟ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ହିତାଧିକାରୀ ।

## ଏସ୍‌ପି ଅଫିସ ଆଗରେ ଭାଜପାର ଧାରଣା

ବରଗଡ଼ ଅଫିସ୍,୬।୯

ବରଗଡ଼ ଜିଲାରେ ଚୋରି, ଡକାୟତି, ନିଶା କାରବାର ଭଳି ଅପରାଧ ବୃଦ୍ଧି ପାଉଛି । ଏଭଳି ଅଭିଯୋଗ କରି ସୋମବାର ଭାଜପା ନେତା ଓ କର୍ମୀମାନେ ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଥିଲେ । ସେମାନେ ଏ ନେଇ ଏସ୍‌ପି ରାହୁଲ ଜୈନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଜିଲାରେ ଅପରାଧ ନିୟନ୍ତ୍ରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରିଥିଲେ । ଜିଲାରେ ସ୍ପଷ୍ଟ ଦିବାଲୋକରେ ସୁନାଚେନ୍ ଲୁଟ୍ ହେଉଛି । ସେହିପରି ବାଇକ୍ ଚାଳକମାନେ ମଧ୍ୟ ଲୁଟ୍‌ରେ ସମ୍ମୁଖୀନ ହେଉଛନ୍ତି । ଛତିଶଗଡ଼ର ମାଫିଆମାନେ ଅବାଧରେ ବାଲି, ପଥର ଚାଲାଣ କରୁଛନ୍ତି । କଫ୍ ସିରପ୍, ଚୋରାମଦ କାରବାର ଯୋଗୁ ଏଭଳି ଅପରାଧ ବଢ଼ି ଚାଲିଥିବା ଅଭିଯୋଗ ହୋଇଛି । ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ସୁରେଶ୍ୱର ଶତପଥି, ଜିଲା ଯୁବମୋର୍ଚ୍ଚା ସଭାପତି ଅମିତ ପଣ୍ଡା, ସୁବ୍ରତ ହୋତା, ଅଶୋକ ପଣ୍ଡା, ଅବନୀକାନ୍ତ ପଣ୍ଡା, ପ୍ରୀତମ ସିଂ, ଅକ୍ରୂର ମଲ୍ଲିକ, କୁଶ କୁମ୍ଭାର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ସଚେତନତା ଶିବିର

ଅମରପାଲି, ୬।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ତରଫରୁ ବୀରମହାରାଜପୁର ବ୍ଲକ ସୁବଳୟା ଶ୍ରୀକ୍ରିଷ୍ଣା କଲ୍ୟାଣ ମଣ୍ଡପରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରି ଚରଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ, ସୁବଳୟା କଲେଜ ଅଧକ୍ଷ ଭୋଳା ନାଥ କର୍ମୀ, ସାମାଜିକ କର୍ମୀ ଯୁଗଳ ମିଶ୍ର, ଲଳିତ କୁମାର ପାତ୍ର ଅତିଥିଭାବେ ମଞ୍ଚାସୀନ ଥିଲେ । ପ୍ରତ୍ୟେକ ନିଜର କଷ୍ଟ ଅର୍ଜିତ ସମ୍ପତ୍ତିକୁ ଡାକଘର କିମ୍ବା ସୀକୃତିପ୍ରାପ୍ତ ବ୍ୟାଙ୍କରେ ଜମାରଖି ସୁରକ୍ଷିତ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଚିଟଫଣ୍ଡ କମ୍ପାନୀମାନଙ୍କ ପ୍ରଲୋଭନରେ ପଡ଼ି ଅଧିକ ସୁଧ ଆଶାରେ ଟଙ୍କା ଜମାକଲେ ମୂଳଟଙ୍କା ସହ ସର୍ବସ୍ୱ ହରାଇବାକୁ ପଡ଼ିବ ବୋଲି ସେମାନେ ସତର୍କ କରାଇଥିଲେ । ସଭା ପ୍ରାରମ୍ଭରେ ଡାକଘର ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ ଯୁଗଳ କିଶୋର ପଣ୍ଡା ସ୍ୱାଗତ ଭାଷଣ ପ୍ରଦନ କରିଥିଲେ । ଡାକଘର ବିଭିନ୍ନ ଜମା ଉପରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିହର ମିଶ୍ର ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ସୁବଳୟାର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କଫ୍ ସିରପ୍ ଜବତ, ୨ ଗିରଫ

ବରଗଡ଼ ଅଫିସ୍/ଅମ୍ବାଭୋନା,୬।୯

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ରବିବାର ଗଙ୍ଗେଇ ଛକରେ ଏକ ବାଇକ୍‌ରୁ ୧୦୦ ବୋତଲ କଫ୍ ସିରପ୍ ଜବତ କରିଛି । ଏହାସହିତ ୨ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ଦର୍ଲ୍ଲିପାଲିର ସୁମନ୍ତ ବେହେରା ଏବଂ ସାହେଲ୍ଲିପାଲି ଗ୍ରାମର ଲିଟି ଓରଫ ନରେଶ ସେନ୍ଦେରିଆ । ସେମାନଙ୍କ ପାଖରୁ ବାଇକ୍(ନଂ.ଓଡି୧୭ଭି/୧୧୪୬), ଗୋଟିଏ ମୋବାଇଲ, ୨୦ଟି ନିଶା ଟାବଲେଟ୍ ଜବତ ହୋଇଛି । ଏ ନେଇ ଏକ ମାମଲା (ନଂ.୧୪୬/୨୦୨୧) ରୁଜୁ ହୋଇଛି ।

## ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ବୈଠକ

ସୋନପୁର,୬।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଅଣଗେଜେଟେଡ୍ ସରକାରୀ କର୍ମଚାରୀ ସଂଘ ସଭାଗୃହରେ ଜିଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆର୍‌ସିସି)ଙ୍କ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଗୁରୁବନ୍ଦନା ଗାନ କରାଯାଇଥିଲା । ବରିଷ୍ଠ ସିଆର୍‌ସିସି ବୈଦ୍ୟନାଥ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କରୋନା ମହାମାରୀ ପ୍ରକୋପ ଯୋଗୁ ଜିଲାର ଶିକ୍ଷା ବ୍ୟବସ୍ଥାରେ ଶୈକ୍ଷିକ ମାନ ଅନେକ ମାତ୍ରାରେ ହ୍ରାସ ପାଇଛି । ତେଣୁ ଜିଲାରେ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଗୁଣାତ୍ମକ ଶିକ୍ଷାର ମାନ କିପରି ଅଭିବୃଦ୍ଧି କରାଯାଇ ପାରିବ ସେ ସମ୍ପର୍କରେ ସିଆର୍‌ସିସିମାନଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ପ୍ରତିନିଧି ମଣ୍ଡଳୀରେ ତରଭା ବ୍ଲକରୁ ସନ୍ତୋଷ ଦାସ, ସୁଶାନ୍ତ ମେହେର, ସୋନପୁର ବ୍ଲକରୁ ସସ୍ମିତା ସାହୁ, ଦୋଳଗୋବିନ୍ଦ ପଣ୍ଡା, ଗୀତାଞ୍ଜଳି ଦରୱାନ, ଉଲୁଣ୍ଡା ବ୍ଲକରୁ ବାବୁଲୁ ସେଠୀ, ବୈଦ୍ୟନାଥ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ଡୁଙ୍ଗୁରିପାଲି ବ୍ଲକରୁ ସଲିଳ କୁମାର ସାହୁ, ହାରାଧନ ବେରିହା, ବୀରମହାରାଜପୁର ବ୍ଲକରୁ ନାରାୟଣ ଜଗଦଲା, ରାଜକୁମାର ବାଦୀ ଓ ବିନିକା ବ୍ଲକରୁ ଭରତ ଝାଙ୍କର, ସୁଧାଂଶୁ ଶେଖର ପୁରୋହିତ ପ୍ରମୁଖ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟିବାକୁ ସ୍ଥିର ହୋଇଥିଲା ।

## ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ଦାବି

ବରଗଡ଼ ଅଫିସ୍,୬।୯

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ମରୁଡ଼ି ପରିସ୍ଥିତି ଉପୁଜିଛି । ଏଭଳି ସ୍ଥିତିରେ ଅଞ୍ଚଳରେ ଥିବା ଗଭୀର ନଳକୂପ ଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ନ ହେବା ଚାଷୀଙ୍କ ଦୁଃଖକୁ ବଢ଼ାଇ ଦେଇଛି । ଫଳରେ ଗଭୀର ନଳକୂପ ଗୁଡ଼ିକୁ ତୁରନ୍ତ ବିଦ୍ୟୁତ ସଂଯୋଗ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏହି ଦାବି ନେଇ ପଦ୍ମପୁର ଉପଖଣ୍ଡ ସୋହେଲା ତହସିଲ ଅଧୀନ ବିଜାପାଲି ଗ୍ରାମର ଏକ ଚାଷୀ ପ୍ରତିନିଧି ଦଳ ସୋମବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

୨୦୧୯-୨୦ରୁ ଉକ୍ତ ଗ୍ରାମରେ ୪୨ଟି ଗଭୀର ନଳକୂପ ଖୋଳାଯାଇଛି । କିନ୍ତୁ ବିଦ୍ୟୁତ ସଂଯୋଗ ଅଭାବରୁ ଗଭୀର ନଳକୂପ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଫଳରେ ଅଞ୍ଚଳର ଫସଲକୁ ମରୁଡ଼ି ଦାଉରୁ ରକ୍ଷା କରିବା ସମ୍ଭବ ହୋଇପାରୁନାହିଁ । ଏହି ଦୃଷ୍ଟିରୁ ତୁରନ୍ତ ଉକ୍ତ ଗଭୀର ନଳକୂପ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଚାଷୀନେତା ପଞ୍ଚାନନ ଦଳପତିଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧି ।

# ଘର ଭିତରକୁ ପଶିଲା କୋଇଲା ବୋଝେଇ ଟ୍ରକ୍

- ଚାଳକ, ହେଲପର ସମେତ ଜଣେ ବୃଦ୍ଧ ଗୁରୁତର
- ତୁରନ୍ତ ହମ୍ପ ନିର୍ମାଣ ଦାବି କଲେ ଗ୍ରାମବାସୀ

ବୌଦ୍ଧ,୬।୯(ସ୍ୱ.ପ୍ର)


ଘର ଭିତରକୁ ପଶିଥିବା ଟ୍ରକ୍ ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଲୁଣିବାହାଲ ବଜାରଠାରେ ଏକ କୋଇଲା ବୋଝେଇ ଟ୍ରକ ଘର ଭିତରକୁ ପଶିଯିବାରୁ ଗୋଟିଏ ପରିବାର ଅଳ୍ପକେ ବର୍ତ୍ତିଥିବାବେଳେ ଗାଡିର ଚାଳକ, ହେଲପର ଜଣେ ବୃଦ୍ଧ ଗୁରୁତର ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ ସୋମବାର ମଧ୍ୟାହ୍ନ ୧୨ଟା ବେଳେ ଏକ କୋଇଲା ବୋଝେଇ ଟ୍ରକ ଏପି-୨୭ଟିଜେଡ-୨୪୪୫ ଚାରିଛକ ପଟୁ ବୌଦ୍ଧ ଆଡକୁ ଯାଉଥିବାବେଳେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ଲୁଣିବାହାଲଠାରେ ରାଜପଥ କଡରେ ଥିବା ଶୁନ୍ୟବାସୀ ପ୍ରଧାନଙ୍କ ଘର ଉପରେ ମାଡିଯାଇଥିଲା । ଟ୍ରକ୍ ଜୋରରେ ଘରକୁ ଧକ୍କା ଦେବା ଯୋଗୁ ଘରର କାନ୍ଥ ମାଡି ବସିବା ସହ ଘରେ ଥିବା ପରିବାର ଲୋକ ଅଳ୍ପକେ ବର୍ତ୍ତିଯାଇଛନ୍ତି । କିନ୍ତୁ ଘର ପାଖରେ ଭେଜିଗୋଡାର ଶ୍ୟାମସୁନ୍ଦର ସାହୁ (୬୨) ଥିବାବେଳେ ତାଙ୍କ ଉପରେ ଗାଡି ମାଡ ହେବା ସହ ଘରର କାନ୍ଥ ମାଡି ବସିଥିଲା । ଦୁର୍ଘଟଣା ଯୋଗୁ ତାଙ୍କର ଗୋଡ ଭାଙ୍ଗିଯିବା ସହ ଦେହରେ ବହୁତ ଆଘାତ ଲାଗିଛି । ଦୁର୍ଘଟଣା ଯୋଗୁ ଟ୍ରକ୍‌ର ଚାଳକ ଓ ହେଲପର ମଧ୍ୟ ଗୁରୁତର ହୋଇପଡିଛନ୍ତି । ସ୍ଥାନୀୟ ଲୋକ ବହୁ କଷ୍ଟରେ ଚାଳକ ଓ ହେଲପରଙ୍କୁ ଗାଡି ଭିତରୁ ବାହାର କରିଥିଲେ । ପରେ ସମସ୍ତଙ୍କୁ ପୁରୁଣାକଟକ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା । ପରେ ସେମାନଙ୍କୁ ବୌଦ୍ଧ ମେଡିକାଲକୁ ପଠାଯାଇଥିବା ଜଣାପଡିଛି । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ବଜାର ଉପରେ ହମ୍ପସ ନିର୍ମାଣ କରିବାକୁ ଦାବି କରିବା ସହ ରାସ୍ତାରୋକୋ କରିଥିଲେ । ଖବର ପାଇ ପୁରୁଣାକଟକ ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ସହ ରାସ୍ତାରୋକୋ ହଟାଇଥିଲେ । ଏନେଇ ପୁରୁଣାକଟକ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ ସୂଚନା ଦେଇଛନ୍ତି ।

## ପଲ୍ଲିସଭା ଭଣ୍ଡୁର ଥାନାରେ ଅଭିଯୋଗ

ଲହୁଣୀପଡ଼ା,୬।୯(ଡି.ଏନ.ଏ)ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ବଡ ପୁରୁଣାପଣି ପଞ୍ଚାୟତ କପଣ୍ଡ ମୌଜାର ପଲ୍ଲିସଭା କରିବା ପାଇଁ ବଡ ପୁରୁଣାପାଣି ପଞ୍ଚାୟତ ସରପଞ୍ଚ ପର୍ଶୁରାମ ଓରାମ ନୋଟିସ କରିଥିଲେ। ଶିଳ୍ପ ପ୍ରତିଷ୍ଠା ସକାଶେ ଆପତ୍ତି ବିହୀନ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଆଲୋଚନା କରାଯିବ ବୋଲି ସରପଞ୍ଚଙ୍କ ନୋଟିସରେ ଉଲ୍ଲେଖ ଥିବା ଜଣାପଡିଛି। ସରପଞ୍ଚ ଓ ବଡ ପୁରୁଣାପଣି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସମା କେର୍କେଟା ପଡ଼ିଆରେ ବସି କପଣ୍ଡ ମୌଜା ବାସିନ୍ଦାଙ୍କ ସହିତ ଆଲୋଚନା କରୁଥିବା ବେଳେ କେତେକ ଲୋକ ହଠାତ ଉଠିଯାଇ ବିରୋଧ କରିବା ସହିତ ସରପଞ୍ଚ ଓ ଅଧିକାରୀଙ୍କୁ ଘେରାଉ କରିଥିଲେ। ପଲ୍ଲିସଭା ଭଣ୍ଡୁର ପରେ ଥାନାରେ ଅଭିଯୋଗ ହୋଇଛି।



## ସଂକ୍ଷେପରେ

### ହେଲମେଟ ଯୋଗୁ ଦୁର୍ଘଟଣାରୁ ବର୍ତ୍ତିଲେ ଶିକ୍ଷକ

ବଡ଼ଗାଁ, ୬।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ପେଟ୍ରୋଲ ପମ୍ପ ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥରେ ବାଇକ୍‌କୁ ପଛପଟୁ ପିକ୍‌ଅପ୍ ଧକ୍କା ଦେବାରୁ କୁତ୍ରା ବ୍ଲକ ଲାଞ୍ଜିବେର୍ଣ୍ଣା ହାଇସ୍କୁଲର ଶିକ୍ଷକ ସୁରେଶ ପଟେଲ ଆହତ ହୋଇଛନ୍ତି। ସେ ହେଲମେଟ ଲଗାଇ ବାଇକ୍ ଚଳାଉଥିବାରୁ ଦୁର୍ଘଟଣାଜନିତ ଗୁରୁତର ହେବାରୁ ବର୍ତ୍ତି ଯାଇଛନ୍ତି। ହେଲ୍‌ମେଟ ଭାଙ୍ଗିଯାଇଥିଲେ ମଧ୍ୟ ମୁଣ୍ଡରେ ଆଘାତ ହୋଇନାହିଁ। ଶିକ୍ଷକ ପଟେଲ ସ୍କୁଲ କାମସାରି ଘରକୁ ବାଇକ୍‌ରେ ଫେରୁଥିବାବେଳେ ଦୁର୍ଘଟଣା ହୋଇଥିଲା।

### ବାଇକ୍ ଲାଇଟ ଅପରଡ଼ିପରକୁ ନେଇ ମାରପିଟ

ବଡ଼ଗାଁ, ୬।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମର ନାନ ସଏ ନାମକ ଜଣେ ଯୁବକ ଗାଁ ରାସ୍ତାରେ ବାଇକ୍ ଅଟକାଇ ଲାଇଟ୍ ଅପରରେ ରଖିଥିବାବେଳେ ସେହି ରାସ୍ତାଦେଇ ବାଇକ୍‌ରେ ଯାଉଥିବା ଭେଲୁଆବାହାଲ ଗ୍ରାମର ଉଲ୍ଲାସ କେଶରୀ (୩୧) କାହିଁକି ବାଇକ୍ ଲାଇଟ୍ ଅପରରେ ରଖିଛ, ବାଇକ୍ ଚଳାଇବାରେ ଅସୁବିଧା ହେଉଛି କହି ନାନଙ୍କ ବାଇକ୍ ଲାଇଟ୍ ଡିପର କରି ଚାଲିଗଲାବେଳେ ସେ ଅଶ୍ରାବ୍ୟ ଗାଳି ଦେବାରୁ ଚାପୁଡ଼ା ମାରିଥିଲେ। ଏହା ପରେ ନାନଙ୍କ ସହିତ ୯ଜଣ ଯୁବକ ବାଇକ୍‌ରେ ଆସି ଉଲ୍ଲାସଙ୍କୁ ତାଙ୍କ ଘରୁ ଡାକି ମାଡ଼ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### କୁତ୍ରା ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ

କୁତ୍ରା, ୬।୯(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାରମ୍ପରିକ ଭାବରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ ଦାର୍ଶନିକ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋ ଚିତ୍ରରେ ପ୍ରଥମେ ମାଲ୍ୟାର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଶିକ୍ଷକ ବିଭୀଷଣ ବାରିକ, ଦୀପିକା କେର୍କେଟା, ବୈଜନ୍ତି ପଟେଲ, ଜସ୍ମିନ ମିଞ୍ଜ, ଅନୁୱର ଅହମ୍ମଦ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନୁଷ୍ଠାନ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

### ମୋବାଇଲ ଲୁଟେରା ଗିରଫ

ରାଉରକେଲା ଅଫିସ,୬।୯: ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗାଜିଆବାଦ ରୋଡ୍ ଟ୍ରାନ୍ସପୋର୍ଟ ସମ୍ମୁଖରୁ ପୋଲିସ ଜଣେ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡ଼ି କାସିମ ଖାନ(୨୫)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ବେଦବ୍ୟାସ ଅଞ୍ଚଳର ରାଜ ପ୍ରଧାନ କୌଣସି କାମ ପାଇଁ ଉକ୍ତ ଟ୍ରାନ୍ସପୋର୍ଟକୁ ଆସିଥିଲେ। ଟ୍ରାନ୍ସପୋର୍ଟ ସମ୍ମୁଖରେ ତାଙ୍କ ବନ୍ଧୁଙ୍କ ସହ କଥାବାର୍ତ୍ତା ହେଉଥିବାବେଳେ କାସିମ ମୋବାଇଲ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ରାଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଭରତାପୁରକୁ ମରୁଡ଼ି ଘୋଷଣା ଦାବି

ରେଢ଼ାଖୋଲ,୬।୯(ଡି.ଏନ.ଏ.): ରେଢ଼ାଖୋଲ ବ୍ଲକ ଭରତାପୁର ପଞ୍ଚାୟତକୁ ମରୁଡ଼ି ଘୋଷଣା କରାଯାଇ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ସୋମବାର ପଞ୍ଚାୟତର ରାମେଶ୍ୱର ବାବା କୃଷକ ସଂଘ ପକ୍ଷରୁ ଏ ନେଇ ଏକ ଦାବିପତ୍ର ଉପଜିଲାପାଳ ପବିତ୍ର ବେହେରାଙ୍କୁ ପ୍ରଦାନ କରାଯାଇଛି। ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଛି, ଭରତାପୁର ପଞ୍ଚାୟତ ଏକ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ। ଏଠାରେ ଚାଷପାଇଁ ଜଳସେଚନ ସୁବିଧା ନାହିଁ। ବର୍ଷାଜଳ ଉପରେ ନିର୍ଭର କରି ଚାଷୀମାନେ ଧାନଚାଷ, ପନିପରିବା ଓ ଡାଲିଜାତୀୟ ଫସଲ କରିଥାନ୍ତି। ବର୍ଷା ନ ହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥାଏ। ଚଳିତ ଖରିଫ ଋତୁରେ ବର୍ଷା ଅଭାବରୁ ବେଉଷଣ, ଧାନରୁଆ ହୋଇପାରି ନାହିଁ। ପୂର୍ବରୁ ବୁଣାଯାଇଥିବା ଧାନ ବର୍ଷା ଅଭାବରୁ ମରିବାକୁ ବସିଲାଣି। ଚାଷଜମି ଫାଟି ଆଁ କରିଛି। ଚାଷପାଇଁ କରିଥିବା କୃଷିଋଣ ଶୁଝିବା ନେଇ ଚାଷୀମାନେ ଚିନ୍ତାରେ ପଡିଥିବା ଅଭିଯୋଗ କରିଛନ୍ତି। ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବେଣୁଧର ପ୍ରଧାନଙ୍କ ସମେତ କୃଷକ ସଂଘର ଶତାଧିକ ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

# ରାଜଗାଙ୍ଗପୁର ପୌରକାର୍ଯ୍ୟାଳୟରେ ତାଲା

## ସହରର ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ

ରାଜଗାଙ୍ଗପୁର, ୬।୯ (ଡି.ଏନ.ଏ.)

ରାଜଗାଙ୍ଗପୁର ସହରରେ ରବିବାର ସାପ୍ତାହିକ ହାଟ ସମସ୍ୟାକୁ ନେଇ ଅଶାନ୍ତ ପରିବେଶ ଥିବାବେଳେ ସୋମବାର ରାଜଗାଙ୍ଗପୁର ପୌରକାର୍ଯ୍ୟାଳୟରେ ତାଲା ପଡିବା ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୌରକାର୍ଯ୍ୟାଳୟରେ ତାଲା ପଡ଼ିବା ଯୋଗୁ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସକାଳେ ପୌର କାର୍ଯ୍ୟାଳୟ ଆଉଟ ସୋରସିଂ ମାଧ୍ୟମରେ କାର୍ଯ୍ୟରତ କର୍ମଚାରୀ ଓ ସଫେଇ କର୍ମଚାରୀମାନେ ସେମାନଙ୍କର ବିଭିନ୍ନ ଦାବିକୁ ନେଇ ପୌରକାର୍ଯାଳୟରେ ତାଲା ପକାଇ ଦେଇଥିଲେ। ଧାରଣାରେ ବସିଥିଲେ। ସେମାନେ କହିଛନ୍ତି ଯେ, ଆଉଟ ସୋରସିଂ ମାଧ୍ୟମରେ କାର୍ଯ୍ୟରତ କୁଶଳି ଶ୍ରେଣୀର ଶ୍ରମିକଙ୍କୁ ବର୍ତ୍ତମାନ ଅଣକୁଶଳି କରାଯାଇ ସେମାନଙ୍କ ଦରମା କାଟ କରାଯାଉଛି। ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ମାସସାରା ରବିବାର କାମ କରାଇ ତାର ଦରମା ଦେଉନାହାନ୍ତି। ଏମାନଙ୍କ ପିଏଫ୍



ରାଜଗାଙ୍ଗପୁର ପୌରକାର୍ଯ୍ୟାଳୟରେ ସଫେଇ କର୍ମଚାରୀମାନେ ତାଲା ପକାଇଛନ୍ତି।

ଟଙ୍କା ଠିକ ଭାବେ ଜମା ହେଉନାହିଁ। ଇଏସ୍‌ଆଇର ସୁବିଧା ଠିକ୍ ଭାବେ ପାଇପାରୁନାହାନ୍ତି। ଏପରିକି ହାତ ଧୋଇବା ପାଇଁ ସାବୁନ ମଧ ଠିକ ଭାବେ ପାଇପାରୁନାହାନ୍ତି। ତେଣୁ ଏହି ସମସ୍ତ ସମସ୍ୟାର ସମାଧାନ ଉଚ୍ଚସ୍ତରୀୟ ଅଧିକାରୀ ଆସି କଲେ ଗେଟ ଖୋଲିବୁ ବୋଲି ଅଟଳ ରହିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ପୌରକାର୍ଯ୍ୟାଳୟରେ ତାଲା ପଡିବା ଓ କର୍ମଚାରୀ କାର୍ଯ୍ୟକୁ ନ ଯିବା ଦ୍ୱାରା ସହରର ଅବସ୍ଥା କଣ ହୋଇଥିବ ତାହା ଅନୁମାନ କରାଯାଇପାରେ। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।

# ଓଡିଶୀ ଜୁଏଲେରି ଶୋ ରୁମ୍ ଉଦ୍‌ଘାଟିତ


ଓଡିଶୀ ଜୁଏଲେରି ଶୋ ରୁମ ଉଦ୍‌ଘାଟନ ଅବସରରେ ଓଲିଉଡ୍ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଓ ଅନ୍ୟମାନେ।

ସୁନ୍ଦରଗଡ଼, ୬।୯(ଡି.ଏନ୍.ଏ)

ସୁନ୍ଦରଗଡ ସହରରେ ଓଡିଶୀ ଜୁଏଲେରିର ଏକ ନୂତନ ଶୋ ରୁମ୍ ରବିବାର ଉଦଘାଟିତ ହୋଇଛି। ଓଡିଶୀ ଜୁଏଲେରିର ବ୍ରାଣ୍ଡ ଆମ୍ବାସାଡାର ଓଡିଉଡ ତାରକା ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶୋ ରୁମକୁ ଆନୁଷ୍ଠାନିକ ଭାବେ ଫିତାକାଟି ଉଦ୍‌ଘାଟନ କରିଥିଲେ। ଝାରସୁଗୁଡାର ମୁଖ୍ୟ ଶୋ ରୁମ ପରେ ଓଡିଶାର ସୁନ୍ଦରଗଡ ସହରରେ ଓଡିଶୀ ଶୋ ରୁମର ଏହି ଅତ୍ୟାଧୁନିକ ସୁନାଗହଣା ଦୋକାନ ଆଗାମୀ ଦିନରେ ସହରବାସୀଙ୍କ ବିଶ୍ୱାସଭାଜନ ହୋଇ ନିଜର ବ୍ୟବସାୟର ଅଭିବୃଦ୍ଧି କରିବ ବୋଲି କହିଥିଲେ। ଆଗାମୀ ଦିନରେ ଓଡିଶୀ ଜୁଏଲେରି ପ୍ରତିଷ୍ଠାନ ବଲାଙ୍ଗୀର ଓ ଅନ୍ୟ ସ୍ଥାନରେ ମଧ୍ୟ ଖୋଲିବାର ଯୋଜନା ଥିବା ସେ ପ୍ରକାଶ କରିଥିଲେ। ଓଡିଶୀ ଜୁଏଲେରି ଡାଇରେକ୍ଟର ସୁଶୀଲ ସ୍ୱେରେଗୀ ଏହି ପ୍ରତିଷ୍ଠାନ ପକ୍ଷରୁ ଆଗାମୀ ଦିନରେ ସୁନ୍ଦରଗଡର ବିଭିନ୍ନ ପ୍ରତିଭାକୁ ଲୋକଲୋଚକୁ ଆଣିବାରେ ତାଙ୍କର ସହଯୋଗ ରହିବ ବୋଲି କହିଥିଲେ। ପ୍ରତ୍ୟେକ ସୁନା ଗହଣା ଉପରେ ବର୍ତ୍ତମାନ ମେକି ଚାର୍ଜରେ ୬୦ ପ୍ରତିଶତ ଛାଡ ଥିବା ସୂଚନା ଦେଇଥିଲେ । ଏହି ଅବସରରେ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଓଲିଉଡ ତାରକା ପ୍ରଦୀପ ଦତ୍ତ , ରୋଶନ ସାହୁ, ଉଦ୍ଧବ ଭିତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥାୟୀ ଜମିପଟ୍ଟା ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ



ଗ୍ରାମବାସୀ ଦାବିପତ୍ର ଦେବାକୁ ଆସିଛନ୍ତି।

ଦେବଗଡ଼,୬।୯(ଡି.ଏନ.ଏ)

ସ୍ଥାୟୀ ଜମିପଟ୍ଟା ଦାବିରେ ଉପଜିଲାପାଳଙ୍କ ନିକଟରେ ଲିଖିତ ଗୁହାରୀ କରିଛନ୍ତି ତିଲେଇବଣି ବ୍ଲକ ଡିମ୍ପିରିକୁଦା ଗ୍ରାମ ପଞ୍ଚାୟତର ଉଦୟପୁର ଗ୍ରାମବାସୀ। ଉକ୍ତ ଗ୍ରାମର ସମସ୍ତ ୩୫ ପରିବାର ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ଏମର୍ମରେ ଏକ ଦାବିପତ୍ର ପ୍ରଦାନ କରିବା ସହ ସେମାନଙ୍କୁ ମିଳିଥିବା 'କେ'ଫର୍ମ ବଦଳରେ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ପାଇଁ ଦାବି କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସେମାନଙ୍କ ସହ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ମଧ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ ବାରକୋଟ ବ୍ଲକ ଅନ୍ତର୍ଗତ ନନେଇଁ, ଗୋଡଭଙ୍ଗା, ଜାମଝରୀ ଓ ବାଲିରୋଇ ଗ୍ରାମ ରେଙ୍ଗାଳି ନଦୀବନ୍ଧ ଯୋଜନାରେ ଜଳମଗ୍ନ ହେବା ପୂର୍ବରୁ ସରକାର ସ୍ୱତନ୍ତ୍ର ପରିବାର ଗଣନା କରି ସେମାନଙ୍କୁ ଉଦୟପୁର(ଲୁଡର)ଗ୍ରାମକୁ ନେଇ ଚିହ୍ନିତ ରକ୍ଷିତ ଜଙ୍ଗଲ (ଡିପିଏଫ୍)ମଧ୍ୟରେ ଥଇଥାନ କରିଥିଲେ । ସେ ସମୟରେ ସରକାର ଉକ୍ତ ସ୍ଥାନକୁ ଡିରିଜର୍ଭେସନ କରି ପ୍ଲଟିଂ ବିସ୍ଥାପିତ କରିବାସହ ପରିବାରଗୁଡିକୁ 'କେ'ଫର୍ମ (ଅସ୍ଥାୟୀ ପଟ୍ଟା)ପ୍ରଦାନ କରିଥିଲେ। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇ ନ ଥିବାରୁ ସେମାନେ ଆବାସ ଯୋଜନା ଓ ଆବାସିକ ପ୍ରମାଣପତ୍ର ସମେତ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏପରିକି ବନ୍ୟା ଓ ବାତ୍ୟା ଭଳି ବିପତ୍ତିର ସମ୍ମୁଖିନ ହେଉଥିଲେ ମଧ ସେମାନେ କ୍ଷତିପୂରଣ ଓ ଆର୍ଥିକ ସହାୟତାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଆବେଦନ ଆଧାରରେ ଉଚ୍ଚ ନ୍ୟାୟାଳୟର ସେମାନଙ୍କୁ ଉକ୍ତ ଜମିର ସ୍ଥାୟୀ ଜମିପଟ୍ଟା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ଜିଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

## ରିଆମାଳରେ ଲାୟନ୍ସ କ୍ଲବ ଉଦ୍‌ଘାଟିତ

ରିଆମାଳ, ୬।୯ ( ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ କଲ୍ୟାଣ ମଣ୍ଡପଠାରେ ରବିବାର ଲାୟନ୍ସ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ଲାଟଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ରିଆମାଳ ବ୍ଲକ ଗୁଣିମାନି ଆଦର୍ଶ ଶିକ୍ଷକ ଭାବେ ରମାକାନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସଂସ୍କୃତବିତ ପଣ୍ଡିତ ଜଳନ୍ଧର ଦାଶ, ଯୋଗେଶ୍ୱର ବିଶ୍ୱାଳ, ଧରଣୀଧର ପ୍ରଧାନ ଓ ଗୋଲବଦନ ବିଶ୍ୱାଳଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସମାଜସେବୀ ପ୍ରକାଶ କୁମାର ଆଚାର୍ଯ୍ୟ ସଭାପତି ଏବଂ ସମୀର ସାହୁ ସମ୍ପାଦକ, ମୁକ୍ତେଶ୍ୱର ପାତ୍ର ଯୁଗ୍ମ ସମ୍ପାଦକ, ଶମ୍ଭୁଲାଲ ଅଗ୍ରୱାଲଙ୍କୁ କୋଷାଧକ୍ଷ ଏବଂ ସହଯୋଗ କୋଷାଧକ୍ଷ ରୂପେ ରାଜା ଅଗ୍ରୱାଲଙ୍କୁ ମନୋନିତ କରାଯାଇଥିଲା। କୌଶିକ କୁମାର ପ୍ରଧାନ ଉପସଭାପତି, ଆଡଭୋକେଟ ରାଜେଶ କୁମାର ନନ୍ଦଙ୍କୁ ୨ୟ ଉପସଭାପତି ବାଛିଥିଲେ । ସାମ୍ବାଦିକ ରାକେଶ କୁମାର ଦାଶଙ୍କୁ ମାର୍କେଟିଂ ମ୍ୟାନେଜର ରୂପେ ଘୋଷଣା କରାଯାଇଥିଲା । ବରିଷ୍ଠ ଡାକ୍ତର ଟଙ୍କଧର ନାୟକ ସଭା ପରିଚାଳନା କରିଥିଲେ। ସମାଜସେବୀ ମୁନସୁନ ସାହୁ, ଅମୂଲ୍ୟ ସାହୁଙ୍କ ସହିତ ମୋଟ ୪୨ଜଣ ସଦସ୍ୟ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିକୁ ଗ୍ରୀନଟେକ୍ ଶକ୍ତି ସଂରକ୍ଷଣ ପୁରସ୍କାର

ରାଉରକେଲା ଅଫିସ,୬।୯

ଶକ୍ତି ସଂରକ୍ଷଣ ପାଇଁ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ଆର୍‌ଏସ୍‌ପିକୁ ସମ୍ମାନଜନକ ଗ୍ରୀନଟେକ୍ ଶକ୍ତି ସଂରକ୍ଷଣ ପୁରସ୍କାର-୨୦୨୧ ମିଳିଛି। ଏହି ପୁରସ୍କାର ଗ୍ରୀନଟେକ୍ ଫାଉଣ୍ଡେଶନ ଦ୍ୱାରା ପ୍ରଦାନ କରାଯାଇଛି। ଆର୍‌ଏସ୍‌ପି ୟୁଟିଲିଟି ଓ ପରିବେଶ ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଏ. କେ. ଦାସଗୁପ୍ତା, ଇଏମ୍ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ କେ. କେ. ପାଣ୍ଡେ ଓ ଏସ୍‌ଇ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ଏସ୍. ସି ମହନ୍ତୀ କାଶ୍ମୀରର ସୋନମାର୍ଗଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଗ୍ରୀନଟେକ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ସିଇଓ କମଳେଶର ସରନ ଏବଂ ଭାରତୀୟ ବିରଳ ମୃତ୍ତିକାର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖନୀୟ, ଭାରତର ପ୍ରଥମ ରାଷ୍ଟ୍ରାୟତ ସମନ୍ୱିତ ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପରିବେଶ ସୁରକ୍ଷା ପାଇଁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିଆସୁଛି। ଅଦ୍ୟାବଧି ସର୍ବକାଳୀନ ଶ୍ରେଷ୍ଠ ବ୍ଲାଷ୍ଟ ଫର୍ଣ୍ଣେସ ଗ୍ୟାସ ଇଲ୍ଟ, ପାୱାର ବ୍ଲୋଇଂ ଷ୍ଟେଶନରୁ ବିଦ୍ୟୁତ୍ ଉତ୍ପାଦନରେ ବୃଦ୍ଧି ଏବଂ କୋକ୍ ଓଭେନ ବ୍ୟାଟେରିକୁ କମ୍ ଅନିୟନ୍ତ୍ରିତ ବ୍ଲାଷ୍ଟ ଫର୍ଣ୍ଣେସ ଗ୍ୟାସ ଚାପକୁ କମ କରିବାରେ ସଫଳତା ପାଇଁ ଆର୍‌ଏସ୍‌ପି ଏହି ପୁରସ୍କାର ଲାଭ କରିଥିଲା।

## ଭାଜପା ପକ୍ଷରୁ ତହସିଲ ଅଫିସ ଘେରାଉ

ଝାରସୁଗୁଡ଼ା ଅଫିସ,୬।୯:

ଭାଜପା କିର୍ମିରା ମଣ୍ଡଳ ତରଫରୁ ୬ଦଫା ସମ୍ବଳିତ ଦାବିନେଇ ସୋମବାର କିର୍ମିରା ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦଳୀୟ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ କରିଥିଲେ। କିର୍ମିରା ବ୍ଲକ୍‌କୁ ମରୁଡ଼ି ଘୋଷଣା, ଚାଷୀମାନଙ୍କ ଋଣ ସମ୍ପୂର୍ଣ୍ଣ ଛାଡ କରିବା, କ୍ଷୟକ୍ଷତି ଆକଳନକରି କ୍ଷତିପୂରଣ ପ୍ରଦାନ, ଅଟଳ ମେଗା ପ୍ରୋଜେକ୍ଟ ଓ ଉଠାଜଳସେଚନ ପ୍ରକଳ୍ପ ମରାମତିକରି କାର୍ଯ୍ୟକାରୀ କରିବା, ଚାଷୀଙ୍କୁ ଚାଷପାଇଁ ଯନ୍ତ୍ରପାତି ଯୋଗାଇବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ପରେ ତହସିଦାରଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ସଂଖ୍ୟାଲଘୁ ମୋର୍ଚ୍ଚା ସାଧାରଣ ସମ୍ପାଦକ ବଲବିନ୍ଦର ସିଂହ, କିର୍ମିରା ମଣ୍ଡଳ ସଭାପତି ବିଜୟ ଶର୍ମା, ଝସକେତନ ପ୍ରଧାନ, ରସିକ ଆଡେ, ଅମିତ ରଣା, ଯାମିନି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୁଆଁରମୁଣ୍ଡାରେ ୫ ଗୋରୁ ମୃତ, କାରଣ ଅସ୍ପଷ୍ଟ

କୁଆଁରମୁଣ୍ଡା,୬।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପଦମପୁର ରୋଡରେ ଥିବା ଜନୈକ ବ୍ୟବସାୟୀଙ୍କ ଘର ପଛ ପଟେ ସୋମବାର ସନ୍ଧ୍ୟାରେ ୨ଗୋରୁ ମରି ପଡ଼ିଛନ୍ତି। ସେହିପରି ଆଖପାଖରେ ସମାନ ପ୍ରକାରେ ଆଉ ୩ ଗୋରୁଙ୍କ ଆଗପଛ ହୋଇ ମୃତ୍ୟୁ ହୋଇଛି। ହେଲେ ସେଗୁଡିକ ଏକା ସଙ୍ଗେ ଅଳ୍ପ ସମୟ ବ୍ୟବଧାନରେ ମରିବାର କାରଣ ଅସ୍ପଷ୍ଟ ଥିବା ବିଷଜନିତ ମୃତ୍ୟୁବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଖବର ପାଇ ଘଟଣାର ଅନୁସନ୍ଧାନ ଜାରି ରଖିଛି।

## ବାଇକ୍ ଚୋରି କରୁଥିବାବେଳେ ଛେଚା ଖାଇଲେ: ପୋଲିସ ଜିମାଦେଲେ

କୁତ୍ରା,୬।୯(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳରେ କିଛିଦିନର ନିରବତା ପରେ ପୁଣି ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ବିଶେଷ ଭାବରେ ଚୋରି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ ବୈତାଳ କମ୍ପ୍ଲେକ୍ସ ସମ୍ମୁଖରେ ଛିଡା ହୋଇଥିବା ଜନୈକ ଯୁବକଙ୍କ ବାଇକ ଚୋରି ଉଦ୍ୟମ କରୁଥିବା ବେଳେ ସାଧାରଣ ଜନତାଙ୍କ ଠାରୁ ଛେଚା ଖାଇଲେ ଦୁଇ ଯୁବକ। ଘଟଣା ଅନୁସାରେ ସୋମବାର ସକାଳେ ଦୁଇଜଣ ବାଇକ ଚୋର କୁତ୍ରା ଗ୍ରାମର ସଞ୍ଜୟ ଟପ୍ପୋଙ୍କ ବାଇକ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲେ। ପରେ ଲୋକେ ଦୁଇ ଚୋରଙ୍କୁ ଧରି ଉତ୍ତମ ମଧ୍ୟମ ଦେଲା ପରେ କୁତ୍ରା ପୋଲିସକୁ ଜିମା ଦେଇଛନ୍ତି । ଉଭୟ ଚୋର ମାନେ ହେଲେ ବିହାର ରାଜ୍ୟ ଲକ୍ଷ୍ମୀପୁର ଗ୍ରାମର ରୁପୋସ ସରକାର (୨୦) ଓ ରାଉରକେଲା ଛେଣ୍ଡ ଫାଦର କଲୋନୀର ବିକି ଯାଦବ (୨୨)। ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚୁରା ଜାରିରଖିଛି।

## ପଶ୍ଚିମ ଓଡିଶା ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

ସୁନ୍ଦରଗଡ଼,୬।୯ (ଡି.ଏନ୍.ଏ)

ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ସୁନ୍ଦରଗଡ଼ ଶାଖା ପକ୍ଷରୁ ଗୁରୁ ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଡାକ୍ତରଖାନା ଓଡିଶା ରକ୍ତଦାନ କେନ୍ଦ୍ରରେ ଆୟୋଜିତ ଏହି ଶିବିରକୁ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ ପଣ୍ଡା, ଶିଶିର ବେହେରା ଓ କମଳେଶ ନାଥାନୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ରକ୍ତଦାନ କରିଥିଲେ। ସୁନ୍ଦରଗଡ଼ ଯୁବା ମଞ୍ଚର ଆବାହକ ସୌମ୍ୟରଞ୍ଜନ ଦାଶ, ଦିନେଶ ପଟେଲ, ଅଭିଳାଷ ମିଶ୍ର, ବିକ୍ରମ ମେହେର, ନିକେଶ ଦାସ, ରଞ୍ଜନ ମହାନନ୍ଦିଆ, ପଙ୍କଜ ଦାସ, ସମୀର କୁଓାନ, ରିଙ୍କି ନାୟକ, ଦୀପା ଭୋଇ, ଗୌରୀ ପ୍ରଧାନଙ୍କ ସମେତ ୪୦ଜଣ ରକ୍ତଦାନ କରିଥିଲେ। ରକ୍ତଦାନ କେନ୍ଦ୍ରର କାଉନସେଲର ରତ୍ନପ୍ରଭା ନାୟକ, ଜ୍ୟୋସ୍ନା ଦିଉରିଆ, ଅସ୍ରାନୀ ନାୟକ, ଦୁଷ୍ମନ୍ତ ପଟେଲ ପ୍ରମୁଖ ଶିଶିର ପରିଚାଳନା କରିଥିଲେ।

# ଇଡ୍‌କୋ ଅଫିସ ଘେରିଲା କଂଗ୍ରେସ

## ବେଆଇନ ଜମି ଆବଣ୍ଟନ ବାତିଲ ଦାବି

ରାଉରକେଲା ଅଫିସ,୬।୯

ରାଉରକେଲା ତହସିଲର ୪୨ ନଂ. ଟାଉନ ୟୁନିଟ୍‌ରେ ଇଡ୍‌କୋ କର୍ତ୍ତୃପକ୍ଷ ହୋଟେଲ ନିର୍ମାଣ ପାଇଁ ରିଲାଏବଲ ସ୍ପଞ୍ଜ ନାମକ ଏକ ଘରୋଇ ଶିଳ୍ପ ସଂସ୍ଥାକୁ ୬୦ ଡେସିମିଲ ସରକାରୀ ଜମି ସ୍ୱଳ୍ପ ମୂଲ୍ୟରେ ବେଆଇନ୍ ଭାବେ ଯୋଗାଇ ଦେଇଛନ୍ତି। ରାଉରକେଲା ଜିଲା କଂଗ୍ରେସ କମିଟି ଇଡ୍‌କୋର ଏହା ବିରୋଧରେ କ୍ରମାଗତ ଆନ୍ଦୋଳନ କରିଆସୁଛି। ସୋମବାର ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଜେଲ୍ ରୋଡ୍ ସ୍ଥିତ ଇଡ୍‌କୋ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଉକ୍ତ ଜମି ଆବଣ୍ଟନ ବାତିଲ କରିବାକୁ ପୂର୍ବତନ ଜିଲା କଂଗ୍ରେସ ସଭାପତି ବିରେନ ସେନାପତି, ଜିଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ମହିଳା କଂଗ୍ରେସ କାର୍ଯ୍ୟକାରିଣୀ ସଭାନେତ୍ରୀ ନିରୂପମା ବଳିୟାର ସିଂହ



କଂଗ୍ରେସ ନେତୃବୃନ୍ଦ ଇଡ୍‌କୋ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପ୍ରମୁଖ ଦାବି କରିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମ ପରେ ତିର୍କୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ବେଆଇନ୍ ଜମି ଆବଣ୍ଟନ ଦ୍ୱାରା ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ଇଡ୍‌କୋ ସଂସ୍ଥା ମଧ ବିପୁଳ କ୍ଷତି ସହିଛି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଇଂ. ଆର୍.ପି. ସିଂହ, ଗିରିଜା ଶଙ୍କର ମିଶ୍ର, କୈଳାସ ଚନ୍ଦ୍ର ସାହୁ, କୋଷାଧକ୍ଷ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ନେତା ବରିୟମ ସିଂହ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।